# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 January – 2026

*******************************

## ମୁଖ୍ୟ ସମ୍ବାଦ

- ଗୌହାଟୀ-ହାଓ୍ୱଡା ମଧ୍ୟରେ ଚଳାଚଳ ଆରମ୍ଭ କଲା ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍

— ମାଲଦାଠାରେ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ମହାନଦୀ ଜଳବିବାଦ ସମ୍ପର୍କିତ ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

- ରତ୍ନଭଣ୍ଡାରର ଅଳଙ୍କାର ଗଣତି-ମଣତି ନେଇ ଜାରି ରହିଛି ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ

ଏବଂ

- ଆଗାମୀ ବଜେଟ୍ ପ୍ରସ୍ତୁତି ନେଇ ବିଭିନ୍ନ ବିଭାଗ ସହ ଆଲୋଚନା ଆରମ୍ଭ କଲେ ରାଜ୍ୟ ସରକାର

## ବନ୍ଦେ ଭାରତ-ପିଏମ୍

ଦେଶର ପ୍ରଥମ ବନ୍ଦେଭାରତ ସ୍ଲିପର୍ ଟ୍ରେନ୍ ଚଳାଚଳ ଆଜିଠାରୁ ଆରମ୍ଭ କରିଛି। ପଶ୍ଚିମବଙ୍ଗର ମାଲଦାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଗୌହାଟୀ-ହାଓ୍ୱଡା ମଧ୍ୟରେ ଏହି ଟ୍ରେନ୍‌ଟି ଚଳାଚଳ କରିବ। ସମ୍ପୂର୍ଣ୍ଣ ବାତାନୁକୂଳିତ ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଯାତ୍ରୀଙ୍କୁ ସୁଗମ ଯାତ୍ରା ଅନୁଭୂତି ପ୍ରଦାନ କରିବ ବୋଲି କୁହାଯାଇଛି। ଏହି ଟ୍ରେନ୍‌ରେ ୧୬ଟି ଆଧୁନିକ ବଗି ରହିବା ସହ ୮୨୩ ଜଣ ଯାତ୍ରା କରିବାର ସୁବିଧା ରହିଛି। ଏଥିସହ ୭ଟି ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆଜିଠାରୁ ଆରମ୍ଭ ହୋଇଛି। ମାଲଦାଠାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୩ ହଜାର ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

## ମହାନଦୀ ଜଳବିବାଦ

ଭୁବନେଶ୍ୱର ରାଜୀବ ଭବନଠାରେ ମହାନଦୀ ଜଳବିବାଦ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଳସମ୍ପଦ ବିଭାଗ ଦ୍ୱାରା ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାକୁ ଗୁରୁତ୍ୱ ମନେକରି ବିଭିନ୍ନ ଗଠନମୂଳକ ଆଲୋଚନା ଓ ଆଇନ୍‌ଗତ ପାରଦର୍ଶିତା ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟ ଜଳଭାଗ ସୁନିଶ୍ଚିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ନିରଞ୍ଜନ ପୂଜାରୀ, ସୋଫିଆ ଫିରଦୋଷ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗତ ମାସ ୨୩ ତାରିଖରେ ଜଳବିବାଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।

## ହଜ୍ ତୀର୍ଥଯାତ୍ରା

ହଜ୍ ତୀର୍ଥଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ କରିବା ନେଇ ସମୟସୀମା ବୃଦ୍ଧି କରାଯାଇଛି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଏହି ସମୟସୀମା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏହାପରେ କୌଣସି ଅତିରିକ୍ତ ସମୟ ପ୍ରଦାନ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ହଜ୍ ବୁକିଂ ଏବଂ ଅନ୍ୟାନ୍ୟ କାଗଜପତ୍ର କାର୍ଯ୍ୟ ଏହି ସମୟସୀମା ମଧ୍ୟରେ ଶେଷ କରିବାକୁ ହଜ୍ ଯାତ୍ରୀଙ୍କୁ ମନ୍ତ୍ରଣାଳୟ ଅନୁରୋଧ କରିଛି।

## ନିମନ୍ତ୍ରଣ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ବେଲପାହାଡର ଆପଦାମିତ୍ର ଖୁସବୁ ଜୟପୁରିଆଙ୍କୁ ନିମନ୍ତ୍ରଣ ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସମ୍ବଲପୁରଠାରେ ପାଠ

ପଢୁଥିବା ଖୁସ୍‌ବୁ ଆପଦାମିତ୍ର ପ୍ରଶିକ୍ଷଣରେ ଭାଗନେଇ କୃତୀତ୍ୱ ଅର୍ଜନ କରିଛନ୍ତି। ନୂଆଦିଲ୍ଲୀ ସମାରୋହରେ ଯୋଗଦେବା ପାଇଁ ସେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ବୋଲି ଆକାଶବାଣୀକୁ କହିଛନ୍ତି.....

**- V/O - (**ଖୁସବୁ ଜୟପୁରିଆ**)**

## ଭିବି-ଜି.ରାମ.ଜି

ବରଗଡ଼ ବିଜେପି କାର୍ଯ୍ୟାଳୟରେ ଭିବି-ଜି.ରାମ.ଜି. ଆଇନ୍୨୦୨୫ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଜିଲ୍ଲାରେ ଏହାକୁ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଆଇନ୍‌ରେ ୧୨୫ ଦିନର ଗ୍ୟାରେଣ୍ଟି ନିଯୁକ୍ତି ପ୍ରଦାନ ସୁନିଶ୍ଚିତ ସହ ଗ୍ରାମୀଣ ନିଯୁକ୍ତି ଏବଂ ସାମାଜିକ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଅଧିକ କାର୍ଯ୍ୟଦିବସ ସହ ସଠିକ୍ ସମୟରେ ମଜୁରୀ ପ୍ରଦାନକୁ ବିଶେଷ ଧ୍ୟାନ ଦିଆଯିବ। ବାୟୋମେଟ୍ରି ଉପସ୍ଥିତି ଏବଂ କୃତ୍ରିମ ବୁଦ୍ଧମତ୍ତା ଆଧାରିତ ତଦାରଖ ବ୍ୟବସ୍ଥାର ପ୍ରୟୋଗ ସ୍ୱଚ୍ଛ ଏବଂ ଶ୍ରମିକ ଅଧିକାରକୁ ସୁରକ୍ଷା ଦେବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ସମ୍ମିଳନୀରେ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଭଟ୍‌ଲୀ ବିଧାୟକ ଇରାଶୀଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ନବସୃଜନ

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଆଜି ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଯୁକ୍ତ ଦୁଇ-ପରୀକ୍ଷା ଫଳ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଦ୍ୱିତୀୟ ଏକକ ଓଡ଼ିଆ ଭାଷା ପରୀକ୍ଷା ଦଶମ ଶ୍ରେଣୀ ଏବଂ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ଅଷ୍ଟମ ଶ୍ରେଣୀ ଫଳାଫଳ ଆଜି ଅପରାହ୍ଣ ୨ଟାରେ ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନେ ଏହି ଦୁଇଟି ପରୀକ୍ଷାର ଫଳାଫଳ ବୋର୍ଡ ୱେବ୍‌ସାଇଟ୍ bseodisha.ac.inରେ ଦେଖିପାରିବେ।

## ରେଡକ୍ରସ୍ ଶିବିର

ଯୁବ ରେଡକ୍ରସ୍ ଓଡ଼ିଶା ରାଜ୍ୟଶାଖା ପକ୍ଷରୁ ଆସନ୍ତା ୨୦ ତାରିଖ ମଙ୍ଗଳବାର ଦିନ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଶିବିରକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଏଥିରେ ୪୦୦ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଓ କାଉନ୍‌ସିଲର ଯୋଗଦେବେ। ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାରକୁ ନିଷେଧ ସଚେତନତା ବାର୍ତ୍ତାକୁ ନେଇ ପ୍ରଶିକ୍ଷଣର ଆୟୋଜନ କରାଯାଉଛି।

## ପରିଚାଳନା କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ପୁରୀ ଶ୍ରୀମନ୍ଦିର ପରିସରରେ ଜାରି ରହିଛି। ପ୍ରଥମେ ଗଜପତି ମହାରାଜ ଆଦର୍ଶ ଗୁରୁକୁଳ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବର୍ତ୍ତମାନ ରତ୍ନଭଣ୍ଡାରର ଅଳଙ୍କାରର ଗଣତିମଣତି ନେଇ ଆଲୋଚନା ହେଉଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି। ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ଚିଠା ପ୍ରସ୍ତାବ, ଶ୍ରୀମନ୍ଦିର ସୁରକ୍ଷା, ମନ୍ଦିର ଆଇନ୍‌ରେ ସଂଶୋଧନ, ଧାଡିଦର୍ଶନ, ଶୃଙ୍ଖଳିତ ନୀତିକାନ୍ତି ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ଜାରି ରହିଛି।

## ପ୍ରାକ୍ ବଜେଟ୍ ପ୍ରସ୍ତୁତି

ପ୍ରାକ୍ ବଜେଟ୍ ୨୦୨୬-୨୭ ପ୍ରସ୍ତୁତି ନେଇ ଆଜିଠାରୁ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନର ଯୋଜନା ଓ ସଂଯୋଜନା ବିଭାଗ ସମ୍ମିଳନୀ କକ୍ଷରେ ଆଲୋଚନା ଆରମ୍ଭ ହୋଇଛି । ଉନ୍ନୟନ କମିଶନର ଦେଓରଂଜନ କୁମାର ସିଂ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜିବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ବଜେଟ୍ ଉପରେ ଆଲୋଚନା ଜାରି ରହିଛି।  ଆଜିଠାରୁ ଦୁଇଦିନ ପର୍ଯ୍ୟନ୍ତ ବଜେଟ୍ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାରବିମର୍ଶ କରାଯିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭କୁ ଦୃଷ୍ଟିରେ ରଖି ଆସନ୍ତା ୨ ବର୍ଷ ଲାଗି ବଜେଟ୍ ଅଟକଳ

ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

ପୂର୍ବରୁ ଖାରବେଳ ଭବନରେ ସଚିବସ୍ତରୀୟ ବୈଠକରେ ସମସ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବ ଗତ ଆର୍ଥିକବର୍ଷର ବଜେଟକୁ ଜନସାଧାରଣଙ୍କ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନସୁଦ୍ଧା ୫୦ ପ୍ରତିଶତରୁ ଅଧିକ ବଜେଟ୍ ଅର୍ଥରାଶି ଖର୍ଚ୍ଚ ହୋଇସାରିଛି। ଚଳିତ ଆର୍ଥିକବର୍ଷ ବଜେଟ୍‌ରେ ଓଡ଼ିଶାକୁ ଅନୁଦାନ ଆକାରରେ ୨ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି।

# ପକ୍ଷୀ /ଡଲଫିନ୍ ଗଣନା

ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଥିବା ୫ଟି ରେଞ୍ଜରେ ଆସନ୍ତାକାଲିଠାରୁ ପକ୍ଷୀ ଗଣନା କରାଯିବ । ପକ୍ଷୀ ଗଣନା ପାଇଁ ୨୨ଟି ଦଳ ଗଠନ କରାଯାଇଛି । ଡଲଫିନ ଗଣନା ପାଇଁ ୧୮ଟି ଦଳ ନିୟୋଜିତ ହେବେ । ଆସନ୍ତା ୨୦ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ୩ ଦିନ ଡଲଫିନ୍ ଗଣନା କରାଯିବ ବୋଲି ଚିଲିକା ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସୂଚନା ମିଳିଛି ।

**ଗଞ୍ଜାମ** ଜିଲ୍ଲା ଆସିକା ଦକ୍ଷିଣ ଘୁମୁସର ବନଖଣ୍ଡରେ ଡିଭିଜନସ୍ତରୀୟ ପକ୍ଷୀଗଣନା ପ୍ରଶିକ୍ଷଣ ଶିବିର ଆସିକା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଡିଏଫ୍‌ଓ ବିପାଶା ପାଲୁର, ସହକାରୀ ବନ ସଂରକ୍ଷକ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ରହି ଆସନ୍ତାକାଲି ହେବାକୁ

ଥିବା ପକ୍ଷୀଗଣନା ନେଇ ତାଲିମ ପ୍ରଦାନ କରିଥିଲେ। ପକ୍ଷୀଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆସିକା, ବୁଗୁଡ଼ା, ସୋରଡା, ବଡ଼ଗଡ଼, ପୋଲସରା ରେଞ୍ଜର ବନକର୍ମଚାରୀ ଓ କଲେଜ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ୱାଟରସେଡ୍

**ନବରଙ୍ଗପୁର** ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କେ.ସେମେଳାଠାରେ ୨୦୨୬ ବ୍ଲକ୍‌ସ୍ତରୀୟ ୱାଟରସେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏଥିରେ ଯୋଗଦେଇ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ଆଧାରରେ ଆଂଚଳିକ ବିକାଶ ଉପରେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ୱାଟରସେଡ୍ ମାଧ୍ୟମରେ ଜମିରେ ଜଳସେଚନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବନ୍ଦେ ମାତରମ୍

**ବଲାଙ୍ଗିର** ପୌର ପରିଷଦ ପକ୍ଷରୁ ସ୍ଥାନୀୟ ପୃଥ୍ୱୀରାଜ ଖେଳ ପଡିଆରେ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ଗୀତ ବନ୍ଦେ ମାତରମ୍‌ର ଉପଲବ୍ଧି ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ଝୋଟ ଚାଷ

**ଭଦ୍ରକ** ଜିଲ୍ଲା ଧାମନଗର ଏନ୍‌ଏସି ଅନ୍ତର୍ଗତ ଜୟନଗରଠାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ପକ୍ଷରୁ

ଝୋଟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷି ଅଧିକାରୀ, ଯୋଜନା ବିଭାଗ ଅଧିକାରୀ, କୃଷି ବୈଜ୍ଞାନିକ ପ୍ରମୁଖ ଯୋଗଦେଇ ଝୋଟ ଚାଷର ବହୁଳ ପ୍ରଚାରପ୍ରସାର, ସରକାରୀ ସହାୟତା ଓ ଉତ୍ପାଦନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ଶିବରାତ୍ରୀ ପ୍ରସ୍ତୁତି

**ଭଦ୍ରକ** ଜିଲ୍ଲା ଆରଡୀର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଆସନ୍ତା ମାସ ୧୫ ତାରିଖରେ ମହାଶିବରାତ୍ରୀ ପାଳନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ସେବାୟତଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନ, ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି।

# ପାଣିପାଗ

ରାଜ୍ୟରେ ଆସନ୍ତାକାଲି ପର୍ଯ୍ୟନ୍ତ ଶୀତର ପ୍ରଭାବ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପଶ୍ଚିମା ଝଡ଼ ପ୍ରଭାବରେ ଏହା ପରବର୍ତ୍ତୀ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ପାଇଁ ୮ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅଧିକ ଥଣ୍ଡା ନେଇ ସତର୍କ ସୂଚନା ଜାରି କରାଯାଇଛି।